ଅମଳ ମିଳେ ତାହେଲେ ଫସଲ ଲାଭଜନକ ହୋଇଥାଏ । ଫଳ ପାଚିବା ଆରମ୍ଭ ହେଲେ ତୋଳି ଦେବା ଆବଶ୍ୟକ ।

**ରୋଗପୋକ:**

**ପତ୍ରପୋଡା ରୋଗ:** ଏହି ରୋଗ ହୋଇଥିଲେ ପ୍ରତି ଲିଟର ପାଣିରେ ୩ଗ୍ରାମ୍ ବ୍ଲାଇଟକ୍ସ ମିଶାଇ ୨ -୩ ଥର ସିଞ୍ଚନକଲେ ଏହି ରୋଗ ଦମନ ହୋଇଥାଏ । ସୂତ୍ରଜୀବୀମାନେ ମଧ୍ଯ ଫସଲର କ୍ଷତି କରିଥାଆନ୍ତି । ଏହାର ଦମନ ପାଇଁ ଏକର ପ୍ରତି ୧ ୨କିଗ୍ରା ଫ୍ୟୁରାଡନ୍ ଫି.ଜି. ପ୍ରୟୋଗ କରନ୍ତୁ । ଗଛ ମରିଯିବାର ଦେଖାଗଲେ ପ୍ରତି ଲିଟର ପାଣିରେ ୨ ଗ୍ରାମ୍ ସାଫ୍ କିମ୍ବା ରିଡ଼ୋମିଲ୍ ମିଶାଇ ଗଚ୍ଛମୂଳରେ ସିଞ୍ଚନ କରିବା ଉଚିତ୍ ।

**ତଳି ବା ଚାରା ଝାଉଁଳା ରୋଗ:** ଏହି ରୋଗ ଫିମ୍ପି ଦ୍ୱାରା ହୋଇଥାଏ । ଚାରାରେ ପାଣି ପଚା ଦାଗ ହୋଇ ମୂଳ ସଡ଼ିଯାଏ । ୧ଲି. ପାଣିରେ ରିଡୋମିଲ ଏମ୍ ଡେଡ୍ ୨ .୫ ମି.ଲି. ମିଶାଇ ମୂଳକୁ ଭିଜାଇ ସ୍ପ୍ରେ କରନ୍ତୁ ।

**ଫଳ ପଚାରୋଗ:** ଏହାର ନିୟନ୍ତ୍ରଣ ପାଇଁ ଏମ୍ ୪୫କୁ ୫ଗ୍ରାମ/ ୧ଲି. ମିଶାଇ ସିଞ୍ଚନ କରନ୍ତୁ ।

**ପତ୍ରମୋଡା ରୋଗ:** ଏହା ଏକ ବିପଦଜନକ ରୋଗ । ଏହା ଧଳା ମାଛି ଦ୍ୱାରା ସଂକ୍ରମଣ ହୋଇଥାଏ । ପତ୍ର ଗୁଡିକ ମେଞ୍ଚା ମେଞ୍ଚା ହୋଇ ଗଛର ଗଣ୍ଡିରୁ ଏବଂ ଅଗରୁ ବାହାରିଥାଏ । ପତ୍ରଗୁଡିକ ଛୋଟ, ମୋଟା ଏବଂ ଗୋଛା ହୋଇ ଉପର ପଟକୁ ମୋଡ଼ି ହୋଇଯାଏ । ଏହି ରୋଗ ଦେଖାଗଲେ ରୋଗର୍ ୨ମିଲି ୧ ଲିଟର ପାଣିରେ କିମ୍ବା ଇମିଡାକ୍ଲୋପ୍ରିଡ୍ ୦.୩ମିଲି/ଲିଟର ମିଶାଇ ୧୦-୧୫ ଦିନ ବ୍ୟବଧାନରେ ୩ଥର ସିଞ୍ଚନ କରାଯାଇ ମାଛିକୁ ଦମନ କରାଯାଏ ।

**ଉକୁଣିଆ ପୋକ:** ପତ୍ର ଗୁଡିକ ଭିତରଆଡକୁ ମୋଡ଼ି ହୋଇଯାଏ । ଫୁଲ ଝଡ଼ିଯାଏ ଓ ଫଳ ଗୁଡିକ ବିକୃତ ହୋଇଯାଏ । ଫଳରେ ସେଗୁଡିକର ଚାହିଦା କମିଯାଏ । ତାଇଓମିଥୋକଜାମ ୩ମିଲିକୁ ୧୫ ଲିଟର ପାଣିରେ ମିଶାଇ ସିଞ୍ଚନ କଲେ ପୋକ ଦମନ ହୋଇଥାଆନ୍ତି ।

**ଫଳବିନ୍ଧା ପୋକ:** ଫଳବିନ୍ଧା ପୋକ ଲାଗିଲେ ୨୦-୩୦% ଅମଳ କମିଯାଏ । ୧ ଲିଟର ପାଣିରେ ପ୍ରୋଫେନ୍ଫସ୍ ୨ ମିଲି କିମ୍ବା ସ୍ପିନୋସେଡ୍ ୧୦ ଲିଟର ପାଣିରେ ୪ମି.ଲି ପକାଇ ସିଞ୍ଚନ କରନ୍ତୁ । କିମ୍ବା ଏକର ପିଛା ୧୫୦ ମିଲି ଡାଇକ୍ଲୋରଭାସ୍ କିମ୍ବା ମାରର୍ଭେକ୍ସ କିମ୍ବା ନ୍ୟୁଭାନ୍ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରିବା ଉଚିତ୍ । ଫଳ ଧରିବା ସମୟରେ ଯଦି ଏହି ପୋକ ଲାଗୁଥାନ୍ତି ପ୍ରତି ଲିଟର ପାଣିରେ ୦.୫ ମିଲି ହିସାବରେ ଇମାମେକ୍ଟିନ୍ ବେଞ୍ଜୋଏଟ୍ କିମ୍ବା ୩ ଗ୍ରାମ ହିସାବରେ କାରଟାପ୍ ମିଶାଇ ପ୍ରତି ୧୫ ଦିନ ଅନ୍ତରରେ ୪-୫ ଥର ସିଞ୍ଚନ କରନ୍ତୁ ।

**ଅମଳ:**

ଗାଢ଼ ସବୁଜ ରଙ୍ଗ ଥିବା ସମୟରେ ପୂର୍ଣ୍ଣ ଆକାର ଫଳଗୁଡିକୁ ତୋଳାଯାଏ । ଚାରା ଲଗାଇବାର ୬୦ ଦିନରେ ପ୍ରଥମ ଫଳ ଅମଳ କରାଯାଏ । ସପ୍ତାହ ଅନ୍ତରରେ ଫଳ ତୋଳାଯାଏ ଏକର ପ୍ରତି ପ୍ରାୟ ୬୦ ରୁ ୭୦ କ୍ୱିଣ୍ଟାଲ ପର୍ଯ୍ୟନ୍ତ ଅମଳ ମିଳିଥାଏ । ୧ ଏକର ଟମାଟ ଚାଷରୁ ପ୍ରାୟ ୭୫-୮୦ ହଜାର ଟଙ୍କା ଲାଭ ମିଳେ ।

2025030493

# ଉନ୍ନତ ପ୍ରଣାଳୀରେ ବିଲାତି ବାଇଗଣଚାଷ




ସଂପାଦନା

**ଡଃ. ଜୟନ୍ତ କୁମାର ପତି**

ବରିଷ୍ଠ ବୈଜ୍ଞାନିକ ଏବଂ ମୁଖ୍ୟ

ବିଷୟବସ୍ତୁ

**ଶ୍ରୀ ସଞ୍ଜୟ କୁମାର ପ୍ରଧାନ, ସମରେନ୍ଦ୍ର ବରାଳ, ଶ୍ରୀମତୀ ଅନୁଭା କୁଜୁର୍**

କମ୍ପ୍ୟୁଟର ସହାୟତା: ଶ୍ରୀ ସୋମଦତ୍ତ ମହାନ୍ତି

କୃଷି ବିଜ୍ଞାନ କେନ୍ଦ୍ର, ରାଉରକେଲା, ସୁନ୍ଦରଗଡ଼-୨

ହକିଛକ, ପାନପୋଷ, ରାଉରକେଲା- ୭୬୯୦୦୪, ଫୋନ: ୦୬୬୧-୨୯୧୦୨୩୪

E-mail: r kvksundargarh2.ouat@gmail.com, www.kvksundargarh2.org

ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର

## ଉନ୍ନତ ପ୍ରଣାଳୀରେ ବିଲାତି ବାଇଗଣ ଚାଷ

ବିଲାତି ବାଇଗଣ ଆମ ରାଜ୍ୟରେ ପ୍ରାୟ ସବୁ ଅଞ୍ଚଳରେ ଏକ ମୁଖ୍ୟ ପରିବାରୂପେ ଚାଷ କରାଯାଇଥାଏ । ଆଳୁ ଓ କନ୍ଦମୂଳ ଛାଡିଦେଲେ ପରିବା ହିସାବରେ ଏହାର ସ୍ଥାନ ତୃତୀୟ । ବିଭିନ୍ନ ପ୍ରକାର ଖାଦ୍ୟପାଇଁ ଏହା ବ୍ୟବହୃତ ହୁଏ । ବିଲାତି ବାଇଗଣ ଏକ ସୁସ୍ୱାଦ ଓ ପୁଷ୍ଟିକର ଖାଦ୍ୟ । ଏଥିରେ ଶତକଡ଼ା ୧.୯ ଭାଗ ପୁଷ୍ଟିସାର, ୩.୬ ଭାଗ ଶ୍ୱେତସାର ଥାଏ । ଏହାଛଡା କାଲସିୟମ, ମ୍ୟାଗ୍ନେସିୟମ, ଲୌହ, ଫସଫରସ୍ ଆଦି ଧାତବ ଲବଣ ମଧ୍ୟ ରହିଥାଏ ।

**ଜଳବାୟୁ:**

ଆମ ରାଜ୍ୟର ଜଳବାୟୁରେ ଶୀତ ଋତୁରେ ଏହି ଚାଷ ଭଲ ହୋଇଥାଏ । ଉତ୍ତାପ ଅଧିକ ହେଲ ଫଳ ଉତ୍ପାଦନ ଏବଂ ଫଳର ମାନକମିଯାଏ । ୧୫° ରୁ ୨୫° ସେଣ୍ଟିଗ୍ରେଡରେ ଏହା ଚାଷ କରାଯାଏ । ୩୫° ସେଣ୍ଟିଗ୍ରେଡ଼ରୁ ଅଧିକ ଉତ୍ତାପ ହେଲେ ଫଳ ଧରେନ ନାହିଁ କିନ୍ତୁ ଆଜିକାଲି ଉନ୍ନତ କିସମ ବିହନ ବ୍ୟବହାର କରି ଖରା ଓ ବର୍ଷା ଋତୁରେ ମଧ୍ୟ ଏହା ଚାଷ କରାଯାଇ ପାରୁଛି ।

**ମୃତ୍ତିକା:**

ସମସ୍ତ ପ୍ରକାର ମାଟିରେ ବିଲାତି ବାଇଗଣ ଚାଷ କରାଯାଇପାରେ କିନ୍ତୁ ନିଗିଡା, ଉର୍ବର, ଦୋରସା ମାଟି ବିଲାତି ବାଇଗଣ ଚାଷପାଇଁ ସବୁଠାରୁ ଭଲ । ମାଟିର ଅମ୍ଳତା ୭ ରୁ ୮.୫ ମଧ୍ୟରେ ରହିଲେ ଅଧିକ ମିଳେ ।

**କିସମ:**

ଅନେକ କିସମର ବିଲାତିବାଇଗଣ ଆମ ରାଜ୍ୟରେ ଚାଷ କରାଯାଇଥାଏ । କିନ୍ତୁ ଗଛର ବଢ଼ିବା ଅନୁସାରେ ସେମାନଙ୍କୁ ମୁଖ୍ୟତଃ ଦୁଇଟି ଭାଗରେ ବିଭକ୍ତ କରାଯାଇଛି । ପ୍ରଥମଟି ହେଲା ଡିଟରମିନେଟ୍ ବା ନିର୍ଦ୍ଧାରକ ପ୍ରକାର ଏବଂ ଦ୍ୱିତୀୟଟି ହେଲା ଅଡିଟରମିନେଟ୍ ବା ଅନିର୍ଦ୍ଧାରକ ପ୍ରକାର ।

**ଡିଟରମିନେଟ୍ ବା ନିର୍ଦ୍ଧାରକ:**

ଏହି କିସମ ଗୁଡିକର ଉଚ୍ଚତା କମ୍, ଫୁଲ ପେନ୍ଥା ପେନ୍ଥା ହୋଇ ଡାଳର ଶେଷମୁଣ୍ଡରେ ଫୁଲ ଫୁଟୁଥିବାରୁ ଡାଳ ଆଉ ବଢ଼େ ନାହିଁ । ତେଣୁ ଏହି କିସମରେ ଫଳ ଏକାଥରକେ ଧରିଥାଏ ଏବଂ ଏହା ଅଳ୍ପ ଦିନରେ ଅମଳ ହୋଇଥାଏ । ଏହି କିସମର ବିଲାତି ବାଇଗଣ ହେଲା ଉତ୍କଳ ପଲ୍ଲବୀ, ପଞ୍ଜାବଛୁଆର ଏବଂ ଉତ୍କଳ ଦିପ୍ତୀ ।

**ଅଡିଟରମିନେଟ୍ ବା ଅନିର୍ଦ୍ଧାରକ:**

ଏହାର ଉଚ୍ଚତା ଅଧିକ, ଗଛ ବଢ଼ିବା ସଂଗେ ସଂଗେ ଫୁଲ ଓ ଫଳ ଧରିଥାଏ । ଏଗୁଡିକ ବିଳମ୍ବରେ ପାଚେ ଏବଂ ଏଥିରେ ଥରଥରକରି ଫୁଲ ଓ ଫଳ ଧରିଥାଏ । ଏହି କିସମ ଗୁଡିକ ହେଲା ଶକ୍ତି, ଅର୍କ ସୌରଭ, ଅର୍କ ବିକାଶ, ପୁଷାରୁଚି, ଉତ୍କଳ କୁମାରୀ, ଉତ୍କଳ ଉର୍ବଶୀ ଓ ଉତ୍କଳ ରାଜା ଇତ୍ୟାଦି । ଓୟୁଏଟିରୁ ବାହାରି ଥିବା ଅଧିକ ଅମଳକ୍ଷମ କିସମ ଗୁଡିକ ହେଲା- ଉତ୍କଳ ରାଜା, ଉତ୍କଳ ପ୍ରଜ୍ଞା, ଉତ୍କଳ ପଲ୍ଲବୀ, ଉତ୍କଳ ଦିପ୍ତୀ, ଉତ୍କଳ ଉର୍ବଶୀ, ଉତ୍କଳ କୁମାରୀ, ବି.ଟି-୧୦୬, ବି.ଟି.-୩୧୭ ଇତ୍ୟାଦି । ସେହିପରି ରାଞ୍ଚିସ୍ଥିତ ଉଦ୍ୟାନ ଏବଂ କୃଷି ବନିକରଣ ଗବେଷଣା କାର୍ଯ୍ୟକ୍ରମରୁ ବାହାରିଥିବା ଉନ୍ନତ କିସମ ମଧ୍ୟରେ ସ୍ୱର୍ଣ୍ଣ ଲାଲିମା (୫୦ ରୁ ୬୦ ଟନ୍ ପ୍ରତି ହେକ୍ଟର) ଆଦି କିସମର ବିଲାତି ବାଇଗଣ ଚାଷ କରି ଚାଷୀ ଭାଇମାନେ ଅଧିକ ଲାଭବାନ ହୋଇପାରିବେ ।

**ଲଗାଇବା ସମୟ:**

ସେପ୍ଟେମ୍ବର-ଡିସେମ୍ବର ମଧ୍ୟରେ ବିଲାତି ବାଇଗଣ ଭଲ ଅମଳ ମିଳେ । କିନ୍ତୁ ପାହାଡିଆ ଅର୍ଥାତ୍ ସମୁଦ୍ର ପଉନ ଠାରୁ ଉଚ୍ଚତା ଥିବା ସ୍ଥାନମାନଙ୍କରେ ଫେବୃୟାରୀ-ମାର୍ଚ୍ଚ ପର୍ଯ୍ୟନ୍ତ ବିଲାତି ବାଇଗଣ ଲଗାଯାଇ ପାରିବ ।

**ବିହନ ପରିମାଣ ଓ ବିଶୋଧନ:**

ଏକର ପ୍ରତି ୧୫୦ ରୁ ୨୦୦ ଗ୍ରାମ୍ ବିହନ ଆବଶ୍ୟକ । ମଞ୍ଜି ବୁଣିବା ପୂର୍ବରୁ କିଗ୍ରା ପ୍ରତି ୩ ଗ୍ରାମ୍ ଥିରାମ୍ ବା କାପ୍ଟାନ୍ ଗୁଣ୍ଡ ଗୋଳାଇ ବିଶୋଧନ କରି ଲଗାଇବା ଉଚିତ୍ ।

ଜମି ପ୍ରସ୍ତୁତି ଓ ତଳି ରୋପଣ:

ଧାଡ଼ିକୁ ଧାଡ଼ି ୨ ଫୁଟ୍ ବ୍ୟବଧାନ ଏବଂ ଗଛକୁ ଗଛ ୧.୫ଫୁଟ ରଖି ତଳି ରୁଅନ୍ତୁ । ରୋଇବାର ୧୫ ଦିନ ପରେ ହାଲୁକା କୋଡ଼ାଖୁସା କରି ୩୩ କିଗ୍ରା ୟୁରିଆ ଏବଂ ୧୬ କିଗ୍ରା ମ୍ୟୁରେଟ୍ ପଟାସ୍ ଦେଇ ହୁଡା ଟେକିବାର ୩୦-୩୫ ଦିନ ପରେ ଆଉଥରେ ୩୩ କି.ଗ୍ରା. ୟୁରିଆ ଦିଅନ୍ତୁ । ପ୍ରତିଥର ସାର ଦେବା ପରେ ଜଳସେଚନ କରନ୍ତୁ । ଝାଉଁଳା ରୋଗପାଇଁ ୧୦ ଲି. ପାଣିରେ ୧ ଗ୍ରାମ୍ ଷ୍ଟ୍ରେପ୍ଟୋ ସାଇକ୍ଲିନ୍ କିମ୍ବା ୧୦ ଗ୍ରାମ୍ ପ୍ଲାଣ୍ଟୋମାଇସିନ୍ ମିଶାଇ ତଳିର ଚେରକୁ ୧୫ ମିନିଟ୍ ବୁଡ଼ାଇ ରଖି ରୋଇବାର ୧୫ ଦମିନ ପରେ କୋଡାଖୁସା କରି ହୁଡାଦେବା ବେଳେ ଗଛମୂଳକୁ ୨/୩ ଇଞ୍ଚ ଛାଡ଼ି ସାର ପ୍ରୟୋଗ କରନ୍ତୁ । ମଞ୍ଜିକୁ ପ୍ରଥମେ କାପ୍ଟାନ୍ ଗୁଣ୍ଡ, ଥିରାମ୍ ପ୍ରଭୃତି ଔଷଧ ଗୋଳାଇ ବିଶୋଧନ କରନ୍ତୁ । ପିମ୍ପୁଡି, ଜନ୍ଦା ଆଦିକୁ ରକ୍ଷା କରିବା ପାଇଁ ଚାରିପଟେ କ୍ଲୋରପାଇରିଫସ୍ ପକାନ୍ତୁ । ଗଜା ହେଲା ପରେ ନଡ଼ା କାଢ଼ି ଦିଅନ୍ତୁ । ଏକର ପିଛା ୧୦ ଗାଡ଼ି ଖତ ଦେଇ ତଳି ରୋଇବା ପୂର୍ବରୁ ଏକର ପିଛା ୨୨ କିଗ୍ରା ୟୁରିଆ, ୧୨୫ କିଗ୍ରା ସିଙ୍ଗଲ ସୁପର ଫସ୍‌ଫେଟ୍ ଏବଂ ୧୬ କିଗ୍ରା ମ୍ୟୁରେଟ୍ ପଟାସ୍ ସିଆରରେ ଦିଅନ୍ତୁ ।

**ଜମି ପ୍ରସ୍ତୁତି ଓ ରୋପଣ:**

ମାଟିକୁ ୩ରୁ ୪ ଥର ହଳ କରି ମାଟି ଗୁଣ୍ଡ କରାଯାଏ । ଏକର ପ୍ରତି ୭-୧୦ ଟନ୍ କମ୍ପୋଷ୍ଟ ଶେଷ ଓଡ଼ ଚାଷ ସମୟରେ ମାଟିରେ ସିଆର ଟାଣି ତଳ ଭାଗରେ ମୂଳ ସାରକୁ ଘୋଡ଼ାଇ ଜଳସେଚନ କରିବା ପରେ ଚାରା ଲଗାନ୍ତୁ । ବିଶୋଧିତ ଚାରାକୁ ଧାଡ଼ିକୁ ଧାଡ଼ି ୬୦ ସେ.ମି. ଏବଂ ଗଛକୁ ଗଛ ୪୫ ସେ.ମି. ବ୍ୟବଧାନରେ ଲଗାଯାଏ । ଏକର ପ୍ରତି ୧୨,୦୦୦ ରୁ ୧୫,୦୦୦ ଚାରା ଆବଶ୍ୟକ । ଶଙ୍କର କିସମଗୁଡିକୁ ଧାଡ଼ିକୁ ଧାଡ଼ି ୮୦ ରୁ ୯୦ ସେ.ମି. ବ୍ୟବଧାନରେ ଗଛ ଲଗାନ୍ତୁ । ଚାରାକୁ ପ୍ରଥମ ପତ୍ର ଯାଏ ଜଳସେଚନ କରାଯାଏ ।

**ଖତ ଓ ସାର ପ୍ରୟୋଗ:**

ଏକର ପ୍ରତି ୬୫:୨୦:୩୦ କେଜି ଯବକ୍ଷାରଜାନ, ଫସଫରସ୍ ଓ ପଟାସ୍ ଦରକାର ହୋଇଥାଏ ।

| ଲଗାଇବା ସମୟ | ୨୦-୨୫ଦିନ | ୩୫-୪୦ ଦିନ | ୫୦ ରୁ ୬୦ ଦିନ |
|---|---|---|---|
| ୪୫କିଗ୍ରା. (ଡିଏପି) | ୪୦କିଗ୍ରା. (ୟୁରିଆ) | ୪୦ କିଗ୍ରା. (ୟୁରିଆ) | ୪୦କିଗ୍ରା. (ୟୁରିଆ) |
| ୨୫କିଗ୍ରା. (ପଟାସ) | ୨୫କିଗ୍ରା. (ପଟାସ) | | |

**ଜଳସେଚନ:**

ଫୁଲ ଫୁଟିବା ଏବଂ ଫଳ ପାଚିବା ସମୟରେ ମାଟିରେ ପାଗ ରହିବା ଉଚିତ୍ । ଗଛ ଅଗ୍ରଭାଗ ଶୁଖି ଗଲେ ୧ଲି. ପାଣିରେ ୩ଗ୍ରା. କାଲ୍‌ସିୟମ୍ କ୍ଲୋରାଇଡ୍ ପତ୍ରସିଞ୍ଚନ କରନ୍ତୁ । ଝାଉଁଳା ରୋଗପାଇଁ ଜଳ ନିୟନ୍ତ୍ରଣ କରନ୍ତୁ ।

**ଅମଳ:**

ମଞ୍ଜି ଲଗାଇବାର ୮୫ ରୁ ୯୫ ଦିନ ଭିତରେ ଫଳ ଅମଳ ହୁଏ । ଭଲ ଭାବରେ ଚାଷ କଲେ ଏକର ପ୍ରତି ୧୦୦ ରୁ ୧୫୦ କ୍ୱିଣ୍ଟାଲ ପର୍ଯ୍ୟନ୍ତ ଅମଳ ମିଳିଥାଏ । ଯଦି ୧୦ ଟି ଗଛରୁ ହାରାହାରି ୧୦ କି.ଗ୍ରା